# ଜାନୁଆରୀ ମାସ ପାଇଁ ଜିଲ୍ଲାପାଳଙ୍କ ସଂଶୋଧିତ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ।

ଅନୁଗୋଳ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କର ଜାନୁଆରୀ ମାସ ପାଇଁ ହେବାକୁ ଥିବା ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଛି । ଆସନ୍ତା ୧୩ ତାରିଖରେ ଅନୁଗୋଳ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ୨୦ ତାରିଖରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ଏବଂ ୨୭ ତାରିଖରେ କଣିହାଁ ବ୍ଲକ କାର୍ଯାଳୟ ଠାରେ ଅନୁଷ୍ଠିତ ହେବ । କୃଷି ସମାଧାନ ଶିବିର ୨୦ ତାରିଖରେ ଛେଣ୍ଡିପଦା ବ୍ଲକ ଅଧିନସ୍ଥ ପାତ୍ରପଡା ଗ୍ରାମ ପଞ୍ଚାୟତ ଠାରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗ ଦେଇ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଜଣାଇ ଦିଆଯାଇଛି ।